**ପରିଷ୍କାର ନୋଟ ନୀତି : ନୋଟ୍ ପ୍ୟାକେଟ୍ ଗୁଡିକ ବନ୍ଧେଇ, ଷ୍ଟିକର ଇତ୍ୟାଦିର ବ୍ୟବହାର**

ଡିସିଏମ (ଏନ୍‌ପିଡି) ନଂ. ୩୧୭/୦୯.୩୯.୦୦/୨୦୦୩-୦୪

ଅକ୍ଟୋବର ୧୧,୨୦୦୩

**ଅଧ୍ୟକ୍ଷ/ପରିଚାଳନା ନିର୍ଦ୍ଦେଶକ,**

**ସମସ୍ତ ସାର୍ବଜନୀନ/ଘରୋଇ କ୍ଷେତ୍ର ବ୍ୟାଙ୍କ/ବୈଦେଶିକ ବ୍ୟାଙ୍କ/ସମବାୟ ବ୍ୟାଙ୍କ/ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ**

ମହାଶୟ,

**ସ୍ୱଚ୍ଛ ନୋଟ୍ ନୀତି - ନୋଟ୍ ପ୍ୟାକେଟ୍ ବନ୍ଧେଇ - ଷ୍ଟିକର ଇତ୍ୟାଦିର ବ୍ୟବହାର**

ଦୟାକରି ଆମର ପରିପତ୍ର ଡିସିଏମ୍ (ପିଏଲ୍‌ଜି) ନଂ. ୪୭୪/୧୦.୩୯.୦୦/୨୦୦୨-୦୩, ସେପ୍ଟେମ୍ବର ୧୩, ୨୦୦୨ ଦେଖନ୍ତୁ, ଯେଉଁଥିରେ ବ୍ୟାଙ୍କମାନଙ୍କୁ ନୋଟ୍ ପ୍ୟାକେଟର ସୁରକ୍ଷା ପାଇଁ କାଗଜ/ପଲିମର ପଟିର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା।

୨. ରିଜର୍ଭ ବ୍ୟାଙ୍କକୁ ମଇଳା ନୋଟ ବିନା ତାର ସିଲେଇରେ ପ୍ରେଷଣ କରିବାସହ ସ୍ୱଚ୍ଛ ନୋଟ ନୀତିକୁ କାର୍ଯ୍ୟାନ୍ୱିତ କରିବାରେ ବ୍ୟାଙ୍କ ମାନଙ୍କ ଉଦ୍ୟମକୁ ରିଜର୍ଭ ବ୍ୟାଙ୍କ ପ୍ରଶଂସା କରେ। କିନ୍ତୁ ଏହା ଦୃଷ୍ଟିକୁ ଆସୁଛି ଯେ, କେତେକ ବ୍ୟାଙ୍କ ଅଠାଳିଆ ଷ୍ଟକର/ଅଠା ପଟି ସହ ନୋଟ୍ ପ୍ୟାକେଟ୍ ଗୁଡିକ ସୁରକ୍ଷିତ ରଖୁଛନ୍ତି, ଯାହାକି ନୋଟ୍ ପ୍ୟାକେଟ୍ ଗୁଡିକର ଉପର ଏବଂ/କିମ୍ବା ନିମ୍ନ ନୋଟ୍ ରେ ଲାଗିଯାଇଥାଏ। ସେହି ନୋଟ୍ ପ୍ୟାକେଟ ଗୁଡିକୁ ଖୋଲିବା ସମୟରେ ରିଜର୍ଭ ବ୍ୟାଙ୍କ୍ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବ୍ୟାଙ୍କର ଗ୍ରାହକ ମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏବଂ ଏହି ପ୍ରକ୍ରିୟାରେ କେତେକ ନୋଟ୍ ନଷ୍ଟ ହୋଇଯାଏ। ପୁନଶ୍ଚ, ଷ୍ଟିକର ବା ଅଠା ଲଗାଯାଇଥିବା ନୋଟ୍ ପ୍ୟାକେଟ ଗୁଡିକ ଉପର ଓ ନିମ୍ନ ଅଂଶର ନୋଟ୍‌ଗୁଡିକ ମୁଦ୍ରା ସତ୍ୟାପନ ଓ ପ୍ରକ୍ରିୟାକରଣ ଯନ୍ତ୍ରରେ ଅସୁବିଧା ସୃଷ୍ଟି କରିଥାଏ। ଏଣୁ ଆମେ ଆପଣମାନଙ୍କୁ ଅନୁରୋଧ କରୁଛୁ ଯେ ଆପଣ କରେନ୍‌ସି ଚେଷ୍ଟ ଶାଖା ଗୁଡିକ ସହ ଆପଣଙ୍କ ସମସ୍ତ ଶାଖାଗୁଡିକୁ ନୋଟ୍ ପ୍ୟାକେଟର ସୁରକ୍ଷା ପାଇଁ ଷ୍ଟିକର/ଅଠାର ବ୍ୟବହାର ନକରି ଏବଂ କେବଳ କାଗଜ ପଟି/ପଲିମର ରଶି ବ୍ୟବହାର କରିବାପାଇଁ ପରାମର୍ଶ ଦିଅନ୍ତୁ। ଅଠାଳିଆ ଷ୍ଟିକର/ଅଠା ଲଗାଯାଇ ସୁରକ୍ଷିତ କରାଯାଇଥିବା ନୋଟ ପ୍ୟାକେଟ ରିଜର୍ଭ ବ୍ୟାଙ୍କକୁ ପଠାଗଲେ, ବ୍ୟାଙ୍କର ଖାତାରେ ସେହି ପରିମାଣ ରାଶି ଡେବିଟ୍ କରାଯାଇ ସମ୍ପୃକ୍ତ ବ୍ୟାଙ୍କର ସ୍ଥାନୀୟ କରେନ୍‌ସି ଚେଷ୍ଟକୁ ସେହି ନୋଟ ପ୍ୟାକେଟଗୁଡିକୁ ଫେରସ୍ତ କରିଦିଆଯିବ।

୩. ଏହା ମଧ୍ୟ ଦୃଷ୍ଟିଗୋଚର ହୋଇଛି ଯେ, ଅଳ୍ପ କେତେକ କରେନ୍‌ସି ଚେଷ୍ଟ, ରିଜର୍ଭ ବ୍ୟାଙ୍କକୁ ପଠାଯାଉଥିବା ମଇଳା ନୋଟରେ ଲୁକାୟିତ ଭାବେ ଷ୍ଟାପଲ ହୋଇଥିବା ନୋଟ୍ ପ୍ୟାକେଟ ଗୁଡିକୁ ମିଶାଉଛନ୍ତି। ଏହା ବ୍ୟାଙ୍କିଙ୍ଗ୍ ଅଧିନୀୟମ, ୧୯୪୯ର ଧାରା ୩୫ ଏ ଅନୁଯାୟୀ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନଭେମ୍ବର ୭, ୨୦୦୧ରେ ଜାରି କରାଯାଇଥିବା ନିର୍ଦ୍ଦେଶନାମାର ଉଲଙ୍ଘନ କରୁଛି। ଏଣୁ ସେହି ନିର୍ଦ୍ଦେଶନାମାର ଉଲଙ୍ଘନ ପାଇଁ ଅର୍ଥ ଦଣ୍ଡ ଦେବା ପାଇଁ ସ୍ଥିର କରାଯାଇଛି। ଏଣୁ ଦୟାକରି ଆପଣମାନେ ପୁଣିଥରେ ଆପଣମାନଙ୍କର ଅନ୍ୟ କରେନ୍‌ସି ଚେଷ୍ଟ ଶାଖା ଗୁଡିକୁ ବିନା ତାର ସିଲେଇରେ ମଇଳା ନୋଟ୍ ପଠାଇବା ବିଷୟରେ ସତର୍କ କରାଇ ଦିଅନ୍ତୁ।

ଦୟାକରି ଏହି ପତ୍ରର ପ୍ରାପ୍ତି ସ୍ୱୀକାର କରନ୍ତୁ।

ଆପଣଙ୍କର ବିଶ୍ୱସ୍ତ

**(ଭି.ଆର ଗାଇକ୍ୱାଡ)**

ମୁଖ୍ୟ ସାଧାରଣ ପରିଚାଳକ